## ଫେରାର ଟ୍ରାକ୍ଟର ଚାଳକ ଗିରଫ

ଦିଗପହଣ୍ଡି,(ଡି.ଏନ.ଏ.): ଟ୍ରାକ୍ଟର ଧକ୍କାରେ ଶିକ୍ଷକଙ୍କ ମୃତ୍ୟୁ ଘଟଣାରେ ଦିଗପହଣ୍ଡି ପୋଲିସ ବୁଧବାର ପାଟପୁର ଥାନା କଲରାପଦର ଗ୍ରାମର ଗାଡି ଚାଳକ ପର୍ଶୁରାମ ପ୍ରଧାନଙ୍କୁ କୋର୍ଟକୁ ଚାଲାଣ କରିଛି। କୁକୁଡ଼ାଖଣ୍ଡି ବ୍ଲକ ବିକାଶପୁର-ବଡ଼ପଲ୍ଲୀ ଗ୍ରାମ ମୁଖ୍ୟରାସ୍ତାରେ ସୋମବାର ପର୍ଶୁରାମ ନେଇ ଯାଉଥିବା ଏକ ପଥର ବୋଝେଇ ଟ୍ରାକ୍ଟର ଧକ୍କାରେ ଶିକ୍ଷକ ଶଶୀଭୂଷଣ ପଣ୍ଡାଙ୍କ ମୃତ୍ୟୁ ଘଟିଥିଲା। ଏନେଇ ଏତଲା ହେବା ପରେ ନଂ. ୧୩୦/୨୧ ଅନୁଯାୟୀ ମାମଲା ରୁଜୁ କରାଯାଇଥିଲା। ଘଟଣାସ୍ଥଳରୁ ଟ୍ରାକ୍ଟର ଚାଳକ ଫେରାର ହୋଇଯାଇଥିଲେ ବୋଲି ତଦନ୍ତକାରୀ ଅଧିକାରୀ ଆଇଆଇସି ବସନ୍ତ କୁମାର ସେଠୀ କହିଛନ୍ତି।

# ଗଞ୍ଜାମରେ ଖସୁଛି କରୋନା ଗ୍ରାଫ୍

### ୨୦ ଲକ୍ଷରୁ ଊର୍ଦ୍ଧ୍ୱ ଲୋକଙ୍କ ସ୍ୱାସ୍ଥ୍ୟସ୍କ୍ରିନିଂ ହେଲାଣି

ଛତ୍ରପୁର,୨।୬(ଡି.ଏନ.ଏ.)

ଗଞ୍ଜାମ ଜିଲାରେ କିଛି ଦିନ ହେଲା କରୋନା ସଂକ୍ରମଣ ଗ୍ରାଫ୍ ତଳକୁ ଖସିବାରେ ଲାଗିଛି । ଏପରିକି ବୁଧବାର ଦୈନିକ ସଂକ୍ରମିତଙ୍କ ସଂଖ୍ୟା ୧୦୦ ତଳେ ରହିଛି । ଦିନକରେ ୬୫ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ପୂର୍ବରୁ ଜିଲାରେ ଦୈନିକ ୨୦୦ ଓ ପରେ ୩୦୦ ଉପରେ କରୋନା ସଂକ୍ରମିତ ଚିହ୍ନଟ ହେଉଥିଲେ। ତେବେ ଗତ ୨୫ ତାରିଖରୁ ଏହି ସଂଖ୍ୟା ୨୦୦ ତଳେ ରହୁଥିଲା। ୩୧ ତାରିଖରେ ୧୫୬, ୩୦ରେ ୧୨୯, ୨୯ରେ ୧୫୦, ୨୮ରେ ୧୬୩, ୨୭ରେ ୧୫୦, ୨୬ରେ ୧୯୬ ଓ ୨୫ ତାରିଖରେ ୧୫୮ ଜଣ ସଂକ୍ରମିତ ଚିହ୍ନଟ ହୋଇଥିଲେ । ବର୍ତ୍ତମାନ ସଂକ୍ରମିତଙ୍କ ସଂଖ୍ୟା ଶହେ ତଳକୁ ଖସିଥିବାରୁ ଜିଲାବାସୀଙ୍କ ପାଇଁ ସମାନ୍ୟ ଆଶ୍ୱସ୍ତି ଆଣିଛି। ହିଞ୍ଜିଳି ମ୍ୟୁନିସିପାଲିଟିରେ ବୁଧବାର ଜଣେ ବି ନୂଆ କରୋନା ସଂକ୍ରମିତ ଚିହ୍ନଟ ହୋଇ ନ ଥିବା ସମ୍ପର୍କରେ ଜିଲାପାଳ ଟୁଇଟ୍ କରି ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଜିଲାରେ ବହୁ ପୂର୍ବରୁ ଘରକୁ ଘର ଯାଇ ଲୋକଙ୍କ ସ୍ୱାସ୍ଥ୍ୟ ସ୍କ୍ରିନିଂ ଚାଲିଥିଲା। ଲୋକଙ୍କ ଅମ୍ଳଜାନସ୍ତର ଓ ଶରୀର ତାପମାତ୍ରା ଯାଞ୍ଚ ସହ ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟବସ୍ଥା ଓ ଟିକା ନେଇଛନ୍ତି କି ନାହିଁ ସେ ସମ୍ପର୍କରେ ଅଙ୍ଗନୱାଡି କର୍ମୀ, ଆଶାକର୍ମୀମାନେ ଘର ଘର ବୁଲି ପଚାରି ବୁଝୁଛନ୍ତି। ଜିଲାରେ ୪ଟି କୋଭିଡ୍ ହସ୍ପିଟାଲ ଓ ଆସିକା, ଭଞ୍ଜନଗର, ହିଞ୍ଜିଳି ଆଦି ପ୍ରମୁଖ ସ୍ଥାନରେ କୋଭିଡ୍ ସ୍ୱାସ୍ଥ୍ୟକେନ୍ଦ୍ର ଖୋଲାଯାଇଛି । ଏପରିକି ଏବେ ଅକ୍ସିଜେନ୍ ରହିତ ଶଯ୍ୟା ବ୍ୟବସ୍ଥା ଉପରେ ଜିଲାପାଳ ଗୁରୁତ୍ୱ ଦେଇଛନ୍ତି। ଏମକେସିଜି ମେଡିକାଲରେ ଅକ୍ସିଜେନ୍ ପ୍ଲାଣ୍ଟ ସହ ପାଇପ୍ ଯୋଗେ ଅକ୍ସିଜେନ୍ ଯୋଗାଣର ବ୍ୟବସ୍ଥା ହୋଇସାରିଛି । ଜିଲାରେ କରୋନା ନେଇ ଲକ୍‌ଡାଉନ୍ ଓ ନିୟମକୁ କଡାକଡି ପାଳନ ସହ ଏନଫୋର୍ସମେଣ୍ଟ ଜୋରଦାର କରିବାକୁ ଜିଲପାଳ ନିର୍ଦ୍ଦେଶ ଦେଇଛନ୍ତି। ଜିଲାର ୩୧୮ ଗାଁ ରେଡ୍ ଜୋନ୍‌ରେ ରହିଥିବାବେଳେ ୨୮୩୭ ଟି ଗାଁ ଗ୍ରୀନ୍ ଜୋନ୍‌ରେ ରହିଛି । ମଙ୍ଗଳବାର ସୁଦ୍ଧା ୨୦ ଲକ୍ଷ ୪୯ ହଜାର ୪୨୩ ଜଣଙ୍କ ଜଣଙ୍କ ସ୍ୱାସ୍ଥ୍ୟ ସ୍କ୍ରିନିଂ କରାଗଲାଣି। ସେଥିରୁ ୧୭୪ ଜଣଙ୍କ ଅକ୍ସିଜେନ୍ ସ୍ତର କମ୍ ରହିଥିବାବେଳେ ୧୯୬ ଜଣଙ୍କ କରୋନା ଲକ୍ଷଣ ଚିହ୍ନଟ ହୋଇଥିଲା। ୫ ଜଣଙ୍କୁ ହସ୍ପିଟାଲ ରେଫର କରାଯାଇଥିବା ସୂଚନା ଦିଆଯାଇଛି ।

## ସଂକ୍ଷେପରେ

### ଗଜପତି ଜିଲାରେ ପୁଣି ୮୦ ସଂକ୍ରମିତ

ପାରଳାଖେମୁଣ୍ଡି,୨।୬(ଡି.ଏନ୍.ଏ.): ଗଜପତି ଜିଲାରେ ପୁଣି ୮୦ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଜିଲାରେ ବୁଧବାର ୧୧୧୭ ଜଣଙ୍କ କୋଭିଡ୍ ପରୀକ୍ଷା ହୋଇଥିଲା। ସେଥିରୁ ଗୋଷାଣୀ ବ୍ଲକରେ ସର୍ବାଧିକ ୩୪, ପାରଳାଖେମୁଣ୍ଡି ସହରରେ ୧୭, ଗୁମ୍ମା ବ୍ଲକରୁ ୪, କାଶୀନାଗର ବ୍ଲକରୁ ୮, ମୋହନା ବ୍ଲକରୁ ୫ , ନୂଆଗଡ଼ରୁ ୩ , ରାୟଗଡ ବ୍ଲକରୁ ୬, ଉଦୟଗିରି ବ୍ଲକରୁ ୨ ଏବଂ ଜିଲା ବାହାରୁ ଜଣେ ଚିହ୍ନଟ ହୋଇଛନ୍ତି। ଏହାଙ୍କୁ ମିଶାଇ ଜିଲାରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୮୩୭୭ରେ ପହଞ୍ଚି ଥିବା ବେଳେ ୭୭୪୨ ଜଣ ସୁସ୍ଥ ହୋଇଛନ୍ତି। ସଂକ୍ରମିତଙ୍କ ମଧ୍ୟରୁ ୩୯ ପୂର୍ବ ସଂକ୍ରମିତଙ୍କ ସଂସ୍ପର୍ଶରେ ଆସିଥିବା ବେଳେ, ୩୨ କୋଭିଡ୍ ପରୀକ୍ଷାରେ ଏବଂ ୯ ଜଣ ବାହାରକୁ ଯାତ୍ରା କରିବା ସମୟରେ ଚିହ୍ନଟ ହୋଇଛନ୍ତି।

### ବାପାଙ୍କୁ ଆକ୍ରମଣ ମାମଲା, ବଡ଼ ପୁଅ ଗଲେ ଜେଲ

ଦିଗପହଣ୍ଡି,୨।୬(ଡି.ଏନ୍.ଏ.): ବାପାଙ୍କୁ ଆକ୍ରମଣ ଅଭିଯୋଗରେ ଦିଗପହଣ୍ଡି ଥାନା ଜଙ୍ଘମା ଗ୍ରାମର ରବୀନ୍ଦ୍ର ବେହେରାଙ୍କୁ ବୁଧବାର ପୋଲିସ କୋର୍ଟ ଚାଲାଣ କରିଛି। ମାମଲା ନଂ.୧୩୩/୨୧ ଅନୁଯାୟୀ ଜାମିନ ଆବେଦନ ନାମଞ୍ଜୁର ହେବାରୁ ଅଭିଯୁକ୍ତଙ୍କୁ ଦିଗପହଣ୍ଡି ସବ୍ ଜେଲକୁ ପଠାଯାଇଛି। ଆଇଆଇସି ବସନ୍ତ କୁମାର ସେଠୀଙ୍କ ସୂଚନାନୁସାରେ, ଗତ ୨୬ ତାରିଖରେ ରବୀନ୍ଦ୍ର ତାଙ୍କ ବୃଦ୍ଧ ବାପା ବିଶ୍ୱନାଥ ବେହେରାଙ୍କୁ ଗାଁ ରାସ୍ତାରେ ଅଟକାଇ ଟଣାଓଟରା କରିବା ସହ ଗୋଡ଼ାଇ ଗୋଡ଼ାଇ ଆକ୍ରମଣ କରିଥିଲେ। ଚେତାଶୂନ୍ୟ ଅବସ୍ଥାରେ ତାଙ୍କୁ ଉଦ୍ଧାର କରାଯାଇ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରୁ ଫେରିବା ପରେ ମଧ ରବୀନ୍ଦ୍ର ପୁଣି ଧମକ ଦେବାରୁ ସେ ମଙ୍ଗଳବାର ଦିଗପହଣ୍ଡି ଥାନାରେ ଏତଲା ଦେଇଥିବା ତଦନ୍ତକାରୀ ଅଧିକାରୀ ଗୋବିନ୍ଦ ମଲ୍ଲିକ କହିଛନ୍ତି।

### ଦେଢ଼ଶୁରଙ୍କ ସମେତ ସହଯୋଗୀ ଗିରଫ

#### ଭାଇବୋହୂଙ୍କୁ ହତ୍ୟା ଧମକ ମାମଲା

ଦିଗପହଣ୍ଡି,୨।୬(ଡି.ଏନ.ଏ.): ଭାଇ ବୋହୂଙ୍କୁ ହତ୍ୟା ଧମକ ଅଭିଯୋଗରେ ଦିଗପହଣ୍ଡି ବ୍ଲକ କରପଡ଼ା ଗ୍ରାମର ଜଗନ୍ନାଥ ପ୍ରଧାନ ଏବଂ ପ୍ରଶାନ୍ତ ପ୍ରଧାନଙ୍କୁ ବୁଧବାର ପୋଲିସ କୋର୍ଟ ଚାଲାଣ କରିଛି। ମାମଲା ନଂ.୧୩୫/୨୧ ଅନୁଯାୟୀ ଜାମିନ ଆବେଦନ ନାମଞ୍ଜୁର ହେବାରୁ ଅଭିଯୁକ୍ତ ଦ୍ୱୟଙ୍କୁ ଦିଗପହଣ୍ଡି ସବ୍‌ଜେଲକୁ ପଠାଯାଇଛି। ଗତ ସୋମବାର ସନ୍ଧ୍ୟାରେ ଜଗନ୍ନାଥ ତାଙ୍କ ସାନ ଭାଇ ଅଭିମନ୍ୟୁଙ୍କ ଘରକୁ ଯାଇ ଭାଇବୋହୂ ଲକ୍ଷ୍ମୀଙ୍କୁ ଗାଳିଗୁଲଜ କରିବା ସହ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ। ଏନେଇ ଲକ୍ଷ୍ମୀ ସ୍ଥାନୀୟ ଥାନାରେ ଏତଲା ଦେଇଥିଲେ ବୋଲି ଆଇଆଇସି ବସନ୍ତ କୁମାର ସେଠୀ କହିଛନ୍ତି। ଅନେକ ଥର ଅଭିମନ୍ୟୁ ଓ ଲକ୍ଷ୍ମୀଙ୍କୁ ଅଭିଯୁକ୍ତମାନେ ମାଡ ମାରି ଲହୁଲୁହାଣ କରିଥିଲେ। ଏ ନେଇ ଅଭିଯୁକ୍ତଙ୍କ ନାଁରେ ଦିଗପହଣ୍ଡି ଥାନାରେ ପୂର୍ବରୁ ଏକାଧିକ ମାମଲା ପଞ୍ଜୀକୃତ ହୋଇଥିବା ପ୍ରାଥମିକ ଅନୁସନ୍ଧାନରୁ ଜଣାପଡିଥିବା ତଦନ୍ତକାରୀ ଅଧିକାରୀ ଏଏସ୍‌ଆଇ ଅମୂଲ୍ୟ କୁମାର ମିଶ୍ର ଜଣାଇଛନ୍ତି।

### ୫ ଜୁଆଡ଼ି ଗିରଫ

କୁକୁଡ଼ାଖଣ୍ଡି,୨।୬: ବ୍ରହ୍ମପୁର ସଦର ଥାନା ପୋଲିସ ପକ୍ଷରୁ ବ୍ରଜନଗର ଅଞ୍ଚଳରେ ଚାଲିଥିବା ଏକ ଜୁଆଆଡ୍ଡାରେ ଚଢ଼ାଉ କରାଯାଇ ବୁଧବାର ୫ ଜୁଆଡିଙ୍କୁ କୋର୍ଟ ଚାଲାଣ କରାଯାଇଛି। ସେମାନଙ୍କ ନିକଟରୁ ୨୨ହଜାର ୮ଶହ ଟଙ୍କା, ୫ଟି ମୋବାଇଲ, ୨ଟି ମୋଟର ବାଇକ୍ ଏବଂ ୨ପ୍ୟାକେଟ ତାସ୍ ଜବତ କରାଯାଇଛି। ଏ ନେଇ ସଦର ଥାନାରେ ନଂ. ୧୬୭/୨୧ ରେ ଏକ ମାମଲା ରୁଜୁ କରାଯାଇଛି। ଅଭିଯୁକ୍ତମାନେ ଉକ୍ତ ଅଞ୍ଚଳରେ ଜଣେ ବ୍ୟକ୍ତିଙ୍କ ଘରେ ଜୁଆ ଆଡ୍ଡା ଚଳାଇଥିଲେ। ଖବର ପାଇ ଥାନାଧିକାରୀ ମହେନ୍ଦ୍ର ସାହୁଙ୍କ ନିର୍ଦ୍ଦେଶ କ୍ରମେ ମଙ୍ଗଳବାର ପୋଲିସ ଟିମ୍ ଓ ନିମଖଣ୍ଡି ଫାଣ୍ଡି ପୋଲିସ ଟିମ୍ ମିଳିତ ସେଠାରେ ଭାବେ ଚଢ଼ାଉ କରିଥିଲା।

### ନାମ ସଂକୀର୍ତ୍ତନ ଦଳ ପ୍ରଶିକ୍ଷକଙ୍କ ପରଲୋକ

ବୁଗୁଡ଼ା,୨।୬(ଡି.ଏନ.ଏ.): ବୁଗୁଡ଼ା ଯାଦବ ସାହି ନାମ ସଂକୀର୍ତ୍ତନ ଦଳର ମାଷ୍ଟର କେ.କୃଷ୍ଣ ପାତ୍ର (୫୫)ଙ୍କ ବୁଧବାର ମୃତ୍ୟୁ ଘଟିଛି। କୃଷ୍ଣ କିଛି ଦିନ ତଳେ ଜ୍ୱରରେ ଆକ୍ରାନ୍ତ ହୋଇ ଗୁରୁତର ହେବାରୁ ତାଙ୍କୁ ଗତ ୧୬ ତାରିଖରେ ବ୍ରହ୍ମପୁର ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ଦେହାନ୍ତ ହୋଇଥିଲା। ଖବର ପାଇବା ପରେ ପରିବାର ଲୋକେ ତାଙ୍କର ଶେଷ ଦର୍ଶନ ପାଇଁ ବ୍ରହ୍ମପୁର ଯାଇଥିବା ବେଳେ ଯାଦବ ସାହିରେ ଶୋକର ଛାୟା ଖେଳିଯାଇଛି।

## ଏଲ୍ଏମ୍ଓ ପ୍ଲାଣ୍ଟରୁ ୩ କୋଠାକୁ ଅକ୍ସିଜେନ୍ ସଂଯୋଗ

ବ୍ରହ୍ମପୁର ଅଫିସ,୨।୬


ଏଲ୍ଏମ୍ଓ ପ୍ଲାଣ୍ଟ ।

ବ୍ରହ୍ମପୁର ବଡ଼ ମେଡିକାଲରେ କାର୍ଯ୍ୟକ୍ଷମ ହୋଇଥିବା ଲିକ୍ୱିଡ୍ ମେଡିକାଲ ଅକ୍ସିଜେନ୍ (ଏଲ୍ଏମ୍ଓ) ପ୍ଲାଣ୍ଟରୁ ଆଉ ୩ କୋଠାକୁ ପାଇପ୍ ସଂଯୋଗ କରି ଅକ୍ସିଜେନ୍ ଯୋଗାଣ ଆରମ୍ଭ ହୋଇଛି। ପାଇପ୍ ମାଧ୍ୟମରେ ଏମ୍‌କେସିଜି ପରିସରରେ ଥିବା କୋଭିଡ୍ ହସ୍ପିଟାଲ୍-୧, ସ୍ତ୍ରୀ ଓ ପ୍ରସୂତି ବିଭାଗ ଏବଂ କାଜୁଆଲ୍‌ଟିକୁ ଅକ୍ସିଜେନ୍ ଯୋଗାଣ ହୋଇଥିବା ଅଧୀକ୍ଷକ ପ୍ରଫେସର ଡା.ସନ୍ତୋଷ କୁମାର ମିଶ୍ର ସୂଚନା ଦେଇଛନ୍ତି। ମେଡିସିନ୍ ବିଭାଗରେ ଥିବା ଆଇସିୟୁକୁ ମଧ ଅକ୍ସିଜେନ୍ ଯୋଗାଣ ପାଇଁ ପାଇପ୍ କାମ ଚାଲିଥିବା ସେ ସୂଚନା ଦେଇଛନ୍ତି। କରୋନା ଦ୍ୱିତୀୟ ଲହରରେ ରୋଗୀଙ୍କ ନିକଟରେ ଅକ୍ସିଜେନ୍ ଅଭାବ ପରିଲକ୍ଷିତ ହେଉଛି। ଏଣୁ ଅକ୍ସିଜେନ୍ ଏବେ ରୋଗୀଙ୍କ ପାଇଁ ସଂଜୀବନୀ ପାଲଟିଛି।

### ଏମ୍‌କେସିଜି ମେଡିକାଲ

ଏମ୍‌କେସିଜି ମେଡିକାଲ ଦକ୍ଷିଣ ଓଡ଼ିଶାର ପ୍ରମୁଖ ଚିକିତ୍ସା କେନ୍ଦ୍ର ହୋଇଥିବା ବେଳେ ଏଠାରେ ପ୍ଲାଣ୍ଟ ପ୍ରତିଷ୍ଠା ଦାବି ହୋଇଥିଲା। ଯାହାକି ପୂରଣ ହୋଇଛି। ଗତ ୨୦ ତାରିଖରେ ମୁଖ୍ୟମନ୍ତ୍ରୀ ଏହାର ଉଦ୍‌ଘାଟନ କରିଥିଲେ। ଯାଜପୁରସ୍ଥିତ ଲିଣ୍ଡେ କମ୍ପାନୀ ପ୍ଲାଣ୍ଟରୁ ୧୫ହଜାର ଲିଟର୍ ଲିକ୍ୱିଡ୍ ଅକ୍ସିଜେନ୍ ଏକ ବଡ଼ ଟ୍ୟାଙ୍କରରେ ଅଣାଯାଇଥିଲା। ବୁଧବାର ଅନ୍ୟ ୩ଟି କୋଠାକୁ ମଧ ପାଇପ୍ ଯୋଗେ ଅକ୍ସିଜେନ୍ ଯୋଗାଣ ଆରମ୍ଭ ହୋଇଛି। ବାକି ରହିଥିବା ଅନ୍ୟ ବିଭାଗକୁ ମଧ ଖୁବ୍‌ଶୀଘ୍ର ପାଇପ୍ ଜରିଆରେ ଅକ୍ସିଜେନ୍ ଯୋଗାଣ କରାଯିବ ବୋଲି ସୂଚନା ଦିଆଯାଇଛି।

## ଏକକ ବିଶ୍ୱବିଦ୍ୟାଳୟ ମାନ୍ୟତା ପ୍ରହସନ

ବ୍ରହ୍ମପୁର ଅଫିସ୍,୨।୬

ଖଲ୍ଲିକୋଟ ମହାବିଦ୍ୟାଳୟକୁ ଏକକ ବିଶ୍ୱବିଦ୍ୟାଳୟ ମାନ୍ୟତା ପ୍ରସଙ୍ଗରେ ଅଲ୍ ଇଣ୍ଡିଆ ଡିଏସ୍ଓ ଗଞ୍ଜାମ ଜିଲା କମିଟି ପକ୍ଷରୁ ବୁଧବାର ଭିଡିଓ କନ୍‌ଫରେନ୍ସରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଲ୍ ଇଣ୍ଡିଆ ଡିଏସ୍ଓ ରାଜ୍ୟ ଉପସଭାପତି ସୋମନାଥ ବେହେରା ସଭାପତିତ୍ୱ କରିଥିଲେ।

ବଲାଙ୍ଗୀର ରାଜେନ୍ଦ୍ର କଲେଜ ଓ ପ୍ରଥମ ଏକକ ବିଶ୍ୱବିଦ୍ୟାଳୟ ରେଭେନ୍ସା ବିଶ୍ୱବିଦ୍ୟାଳୟରେ ଅଦ୍ୟାବଧି ସ୍ଥାୟୀ ଅଧ୍ୟାପକ ଓ ମନମୁଖି ଫି ବୃଦ୍ଧିକୁ ନେଇ ସମସ୍ୟା ଲାଗି ରହିଛି। ଏଭଳି ସ୍ଥଳେ ଖଲ୍ଲିକୋଟ ମହାବିଦ୍ୟାଳୟରେ ମଧ ବର୍ତ୍ତମାନ ଲାବୋରେଟୋରିରେ ଆବଶ୍ୟକ ମୁତାବକ ଉପକରଣ, ପାଠାଗାରରେ ପର୍ଯ୍ୟାପ୍ତ ପରିମାଣର ବହିର ଅଭାବ ରହିଛି। ମହାବିଦ୍ୟାଳୟରେ ଅଦ୍ୟାବଧି ଅତିଥି ଓ ଠିକା ଅଧ୍ୟାପକଙ୍କ ଦ୍ୱାରା ପାଠପଢା ଚାଲିଛି। ପୂର୍ବତନ ଅଧ୍ୟାପକ ବାସୁଦେବ ଛାଟୋଇ, ପ୍ରଫେସର ସୁଧୀର ରାଉତ ଓ ସାହିତ୍ୟିକା ବିଧୁପ୍ରଭା ରଥ ଯୋଗ ଦେଇ କହିଥିଲେ, ବିଶ୍ୱବିଦ୍ୟାଳୟ ହେଉଛି ଗବେଷଣାର ଏକ କ୍ଷେତ୍ର। କିନ୍ତୁ ଯେଉଁ ବିଶ୍ୱବିଦ୍ୟାଳୟଗୁଡ଼ିକ ରାଜ୍ୟରେ ରହିଛି ସେଠାରେ ଗବେଷଣାର ମାନ ଦିନକୁ ଦିନ ନିମ୍ନତର ହେବାକୁ ବସିଛି। ବିଶ୍ୱବିଦ୍ୟାଳୟଗୁଡ଼ିକରେ ଦୀର୍ଘଦିନ ଧରି ସ୍ଥାୟୀ ଅଧ୍ୟାପକ ପଦବୀ ଖାଲି ପଡ଼ିଛି। ଫଳରେ ବିଶ୍ୱବିଦ୍ୟାଳୟରେ ଶୈକ୍ଷିକ ଓ ସାଂସ୍କୃତିକ ବାତାବରଣ ଧୂଳିସାତ ହୋଇଛି ବୋଲି ପ୍ରକାଶ କରିଥିଲେ। ସଂଘ ସଭାପତି ସୋମନାଥ ବେହେରା କହିଥିଲେ, ଖଲ୍ଲିକୋଟ ମହାବିଦ୍ୟାଳୟକୁ ଏକକ ବିଶ୍ୱବିଦ୍ୟାଳୟ ମାନ୍ୟତା ଏକ ପ୍ରହସନ। ରାଜ୍ୟ ସରକାର ଏକକ ବିଶ୍ୱବିଦ୍ୟାଳୟର ପ୍ରହସନ ବନ୍ଦକରି ଖଲ୍ଲିକୋଟ ମହାବିଦ୍ୟାଳୟରେ ଗୁଣାତ୍ମକ ମାନରଶିକ୍ଷା ପ୍ରଦାନ ପାଇଁ ସଂଘ ଦାବିକରିଛି।

**ଖଲ୍ଲିକୋଟ ମହାବିଦ୍ୟାଳୟ**
- ଅଧାପକ ପଦବୀ ପୂରଣ ଦାବି
- ଏଆଇଡିଏସ୍ଓର ଦାବି

## ୩ ବ୍ୟାଟେରି ଚାଳିତ ଗାଡ଼ିର ଶୁଭାରମ୍ଭ

ସୋରଡା,୨।୬(ଡି.ଏନ୍.ଏ.)



ସାରଡ଼ା ଏନ୍ଏସି ପକ୍ଷରୁ ବୁଧବାର ୩ଟି ବ୍ୟାଟେରି ଚାଳିତ ଅଟୋ ଓ ଗୋଟିଏ ସେସ୍‌ପୁଲ ଗାଡିର ଶୁଭାରମ୍ଭ କରାଯାଇଛି। କାର୍ଯ୍ୟନିର୍ବାହୀ ଅଧିକାରୀ ଦୂତୀକୃଷ୍ଣ ପାତ୍ରଙ୍କ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଧାୟକ ପୂର୍ଣ୍ଣଚନ୍ଦ୍ର ସାଇଁ ଯୋଗଦେଇ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏଥିରେ ମହିଳାମାନେ ନିଯୁକ୍ତ ହୋଇ ସାହିଗୁଡ଼ିକରେ ଅଳିଆ ଆବର୍ଜନା ସଂଗ୍ରହ କରିବେ। ବାୟୁ ପ୍ରଦୂଷଣ ରୋକିବା ସହ ମହିଳାମାନଙ୍କୁ ଆତ୍ମନିର୍ଭର କରିବା ପାଇଁ ଏହା ଉପଯୁକ୍ତ ପଦକ୍ଷେପ ବୋଲି କୁହାଯାଇଛି। କନିଷ୍ଠ ଯନ୍ତ୍ରୀ ସତ୍ୟନାରାୟଣ ସାହୁ, କର୍ମଚାରୀ ଶାନ୍ତନୁ ଶତପଥୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଘାଟିରେ ଓଲଟିଲା ପିକ୍‌ଅପ୍

ସୋରଡା,୨।୬(ଡି.ଏନ୍.ଏ.)

ଛତିଶଗଡ ରାଇପୁରରୁ ୪୨ ଛେଳି, ମେଣ୍ଢାଙ୍କୁ ନେଇ ବ୍ରହ୍ମପୁର ଯାଉଥିବା ପିକଅପ ଗାଡି ସୋରଡ଼ା ଦାରିଙ୍ଗବାଡି ରାସ୍ତା ୬ ନମ୍ବର ଘାଟିରେ ଭାରସାମ୍ୟ ହରାଇ ବୁଧବାର ଓଲଟି ଏକ ଗଛରେ ଝୁଲି ରହିଛି। ଗାଡ଼ି ଚାଳକ ମହମ୍ମଦ ମଞ୍ଜୁର ସମେତ ଆନନ୍ଦ ରାଜପୁତ, ଅଜଗର ଅଲ୍ଲୀ ଅଳ୍ପକେ ବର୍ତ୍ତିଯାଇଛନ୍ତି। ଚାଳକ ସେମେତ ୩ ଜଣ ଯୁବକ ଉକ୍ତ ଗାଡ଼ିରେ ଯାଉଥିବା ବେଳେ ଘାଟି ରାସ୍ତାରେ ବ୍ରେକ୍ ଫେଲ୍ ହୋଇଯାଇଥିଲା। ଫଳରେ ଗାଡ଼ିଟି ରାସ୍ତା ପାର୍ଶ୍ୱ ଗାର୍ଡୱାଲ ଉପରେ ଚଢିଯାଇ ଗଛରେ ଅଟକି ରହିଥିଲା। ଦୁର୍ଘଟଣାରେ ୪ ଛେଳିର ମୃତ୍ୟୁ ଘଟିଥିବା ବେଳେ ୨୬ ଛେଳି, ମେଣ୍ଢା ଜଙ୍ଗଲ ଭିତରେ କୁଆଡ଼େ ପଳେଇଥିଲେ।

## ମିଳିତ ଶିକ୍ଷକ ସଂଘର ବୈଠକ

ଶେରଗଡ,୨।୬(ଡି.ଏନ.ଏ.)

ଶେରଗଡ଼ ବ୍ଲକ ମିଳିତ ଶିକ୍ଷକ ସଂଘର ବୈଠକ ରାମଗିରି ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ପ୍ରଫୁଲ୍ଲ କୁମାର ପଣ୍ଡା ଅଧ୍ୟକ୍ଷତା କରିଥିଲେ । ବୈଠକ ପ୍ରାରମ୍ଭରେ ଗତ କିଛି ଦିନ ମଧ୍ୟରେ ପରଲୋକ ଗମନ କରିଥିବା ଶିକ୍ଷକମାନଙ୍କ ଉଦ୍ଦେଶ୍ୟରେ ଦୁଇ ମିନଟ ନିରବ ପ୍ରାର୍ଥନା କରାଯାଇଥିଲା । କରୋନାରେ ଆକ୍ରାନ୍ତ ହୋଇ ଗତ ମାସରେ ଆଖି ବୁଜିଥିବା ଶିକ୍ଷକ କାଳୀଚରଣ ଚୌଧୁରୀ, ଦେବପ୍ରସାଦ ମହାପାତ୍ର, ଭରତ ସ୍ୱାଇଁ ଓ ସୂର୍ଯ୍ୟକାନ୍ତ ଗୌଡଙ୍କ ପରିବାରକୁ ସଂଘର ପ୍ରତ୍ୟେକ ଶିକ୍ଷକ ଆର୍ଥିକ ସହାୟତା ପ୍ରଦାନ କରିବାକୁ ବୈଠକରେ ସ୍ଥିର କରାଯାଇଛି। ଏଥିସହିତ ଏହି ମହାମାରୀ ସମୟରେ କେହି ଶିକ୍ଷକ କୋଭିଡ ଆକ୍ରାନ୍ତ କିମ୍ବା ଅନ୍ୟ କୌଣସି ରୋଗରେ ପୀଡ଼ିତ ହେଲେ ସଂଘ ସହଯୋଗ କରିବା ନେଇ ଆଲୋଚନା ହୋଇଥିଲା । ଶେଷରେ ଚଳିତବର୍ଷ ପାଇଁ ମିଳିତ ଶିକ୍ଷକ ସଂଘର କାମଚଳା ସଭାପତି ଭାବେ ସୁରେନ୍ଦ୍ର ଗୌଡଙ୍କୁ ସର୍ବ ସମ୍ମତିକ୍ରମେ ମନୋନୀତ କରାଯାଇଥିଲା। ବୈଠକରେ ବହୁ ଶିକ୍ଷକ ଉପସ୍ଥିତ ଥିଲେ ।

## ପୂର୍ବତନ ବାଚସ୍ପତିଙ୍କ ଶୋକ

ବ୍ରହ୍ମପୁର ଅଫିସ,୨।୬

ପୂର୍ବତନ ମନ୍ତ୍ରୀ ବିଜୟଶ୍ରୀ ରାଉତରାୟଙ୍କ ପରଲୋକରେ ରାଜ୍ୟ ବିଧାନସଭା ପୂର୍ବତନ ବାଚସ୍ପତି ଚିନ୍ତାମଣି ଦ୍ୟାନସାମନ୍ତରା ଗଭୀର ଶୋକ ପ୍ରକାଶ କରିଛନ୍ତି। ତାଙ୍କ ଭଳି ଜଣେ ମେଳାପି ଓ ଅଭିଜ୍ଞ ରାଜନେତାଙ୍କୁ ଓଡ଼ିଶା ହରାଇଥିବା ଦର୍ଶାଇଛନ୍ତି। ଅମର ଆତ୍ମାର ସଦଗତି କାମନା କରିଛନ୍ତି।

## ‘ଦେଶୀ କୁକୁଡ଼ା ପାଳି ସ୍ୱାବଲମ୍ବୀ ହେବେ ମହିଳା’


ଜଣେ ମହିଳାଙ୍କୁ କୁକୁଡ଼ା ଛିଆଁ ବଣ୍ଟନ କରାଯାଉଛି।

ଛତ୍ରପୁର/ଗଞ୍ଜାମ,୨।୬(ଡି.ଏନ.ଏ.)

ରାଜ୍ୟ ସରକାର ମହିଳାଙ୍କୁ ସ୍ୱାବଲମ୍ବୀ କରିବା ଦିଗରେ ଅଧିକ ଗୁରୁତ୍ୱ ଦେଉଛନ୍ତି । ଗଞ୍ଜାମ ଜିଲା ପ୍ରଶାସନ ମଧ ମହିଳାମାନେ ଯେପରି ଆର୍ଥିକ ସ୍ୱଚ୍ଛଳ ହେବେ ଏବଂ ସେମାନଙ୍କ ବିକାଶ ହୋଇପାରିବ ସେନେଇ ବିଶେଷ ଗୁରୁତ୍ୱ ଦେଉଛନ୍ତି। ଏହିକ୍ରମରେ ଓରମାସ ଓ ମିଶନ ଶକ୍ତି ଜରିଆରେ ବୁଧବାର ଛତ୍ରପୁର ବ୍ଲକ ସୁନ୍ଦରପୁର ପଞ୍ଚାୟତ ବଳରାମପୁରରେ ବିଭିନ୍ନ ମହିଳା ଗୋଷ୍ଠୀକୁ ଦେଶୀ କୁକୁଡା ଛିଆଁ ବଣ୍ଟନ କରିବା ସହ ଏମଜିଏନଆରଇଜିଏସ୍‌ରେ ୩୯ ହଜାର ଟଙ୍କାର ଏକ ଆଦର୍ଶ କୁକୁଡା ଘର ମଧ ଦିଆଯାଇଛି । କାର୍ଯ୍ୟକ୍ରମରେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ, ସ୍ଥାନୀୟ ବିଧାୟକ ସୁବାସ ଚନ୍ଦ୍ର ବେହେରା ଯୋଗଦେଇ ୧୦ ମହିଳାଙ୍କୁ ଜଣ ପିଛା ୫୦ଟି ଦେଶୀ କୁକୁଡା ଛିଆଁ ବଣ୍ଟନ କରିଥିଲେ। କୁକୁଡା ପାଳି ମହିଳାମାନେ ଭଲ ରୋଜଗାର କରିପାରିବେ ବୋଲି ବିଧାୟକ କହିଥିଲେ।

### ଆଦର୍ଶ କୁକୁଡ଼ା ଘର, ଛିଆଁ ବଣ୍ଟନ

ସେହିପରି ଗଞ୍ଜାମ ବ୍ଲକ ଅନ୍ତର୍ଗତ ସୁବଳୟା ପଞ୍ଚାୟତର ଶତ୍ରୁସୋଲ ଗ୍ରାମ ହରିଜନ ସାହିରେ ଦେଶୀ କୁକୁଡ଼ା ଚାଷ ପ୍ରକଳ୍ପର ଉଦ୍‌ଘାଟନ ହୋଇଯାଇଛି। ଛତ୍ରପୁର ବିଧାୟକ ଏବଂ ଗଞ୍ଜାମ ଜିଲାପାଳ ଯୋଗଦେଇ ଉଦ୍‌ଘାଟନ କରିଛନ୍ତି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଡିଆରଡିଏ ପିଡି ସିନ୍ଧେ ଦତାତ୍ରେୟ ଭାଉସାହେବ, ବ୍ଲକ ଅଧ୍ୟକ୍ଷ ଏମ.ଧନଞ୍ଜୟ ରେଡି, ବିଡ଼ିଓ ଅମ୍ବିକା ପ୍ରସାଦ ଦାଶ, ଏପିଡି ନଳିନୀକାନ୍ତ ମିଶ୍ର, ଡିପିଏମ ନବୀନ ସେନାପତି,ଓରମାସର ଉପମୁଖ୍ୟ ନିର୍ବାହି ଅଧିକାରୀ ଜ୍ୟୋତିପ୍ରକାଶ ମହାନ୍ତି, ବିପିଏମ ମାନିନୀ ଜେନା ,ପ୍ରାଣୀ ଚିକିତ୍ସକ ଡା.ପତିତପାପନ ରଥ, ସୁନ୍ଦରପୁର ସରପଂଚ ସସ୍ମିତା ମହାଙ୍କୁଡ,ସମିତିସଭ୍ୟା ସୁକାନ୍ତି ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ମହିଳାମାନେ ଏହି କୁକୁଡା ପାଳନକରି ଭଲ ଲାଭ କରିବେ ବୋଲି କହିବା ସହ ପ୍ରଶାସନକୁ ସାଧୁବାଦ ଜଣାଇଥିଲେ ।

## ବିଦ୍ୟାଳୟରେ ଚାଉଳ ବଣ୍ଟନକୁ ନେଇ ଉତ୍ତେଜନା


ବିଦ୍ୟାଳୟ ଆଗରେ ଅଭିଭାବକମାନେ ହୋ ହଲ୍ଲା କରୁଛନ୍ତି।

ବେଗୁନିଆପଡ଼ା,୨।୬(ଡି.ଏନ୍.ଏ.)

ବେଗୁନିଆପଡ଼ା ବ୍ଲକ ଅନ୍ତର୍ଗତ କଣ୍ଟାପଡା ପ୍ରାଥମିକ ବିଦ୍ୟାଳୟରେ ବୁଧବାର ପ୍ରଧାନ ଶିକ୍ଷୟିତ୍ରି ଜୋଷ୍ନା ମୟୀ ଦାସ ପିଲାଙ୍କୁ କମ୍ ଚାଉଳ ଦେଉଥିବା ଅଭିଯୋଗ ହୋଇଛି। ଚାଉଳ ଆସୁଥିବା ଅଖାରେ କମ ରହୁଥିବାରୁ ପିଲାଙ୍କୁ କମାଇ ଦେଉଛି ବୋଲି ଶିକ୍ଷୟିତ୍ରି କହିଥିବା ବେଳେ ଠିକ୍ ଓଜନ କରି ନ ଦେଲେ ଆମେ ଚାଉଳ ନେବୁ ନାହିଁ ବୋଲି ଅଭିଭାବକାମାନେ ଧାରଣାରେ ବସିବା ସହ ଉପରିସ୍ଥ କର୍ମଚାରୀଙ୍କୁ ଜଣାଇଥିଲେ। ସିଆର୍‌ସିସି ରବି ନାରାୟଣ ଶତପଥୀ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ। ପରେ ସେ କେତୋଟି ଚାଉଳ ବସ୍ତା ଓଜନ କରିଥିଲେ। ପ୍ରତି ବସ୍ତାରେ ୫ ରୁ ୬ କିଲୋ ଚାଉଳ କମ ଥିବା ଜଣାପଡିଥିଲା। ଗୁରୁବାରରୁ ସମସ୍ତଙ୍କୁ ଠିକ ଭାବରେ ଓଜନ କରି ଦେବା ଦେବା ସହ ଆସନ୍ତା ସାପ୍ତାହରେ ପରିଚାଳନା କମିଟି ବୈଠକ କରି ଅନ୍ୟାନ୍ୟ ବିଷୟ ଆଲୋଚନା କରିବାକୁ ନିଷ୍ପତ୍ତି ପରେ ଅଭିଭାବକ ଧାରଣାରୁ ହଟିଥିଲେ।

## ବିଦ୍ୟୁତ୍ ଆଘାତରେ ମହିଳାଙ୍କ ମୃତ୍ୟୁ

ଆସିକା,୨।୬(ଡି.ଏନ.ଏ.)

ଆସିକା ଥାନା ଅନ୍ତର୍ଗତ କାଳଷଣ୍ଢପୁର ଗ୍ରାମରେ ବୁଧବାର ବିଦ୍ୟୁତ ଆଘାତରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ମାମୁନି ସ୍ୱାଇଁ (୨୫)। ମାମୁନି ନିଜ ବାପ ଘରେ ଫ୍ୟାନ ଲଗାଇବା ଲାଗି ସୁଇଚ ମାରୁଥିବା ବେଳେ ବିଦ୍ୟୁତ ସଂସ୍ପର୍ଶରେ ଆସି ଗୁରୁତର ହୋଇପଡିଥିଲେ । ତାଙ୍କୁ ଆସିକା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲେ ମଧ ଡାକ୍ତର ମୃତ ଘୋଷଣା କରିଥିଲେ । ଘଟଣା ସମ୍ପର୍କରେ ମାମୁନିଙ୍କ ଭାଇ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ଆସିକା ପୋଲିସରେ ଅଭିଯୋଗ କରିଛନ୍ତି। ମୃତଦେହକୁ ପୋଲିସ ଜବତ କରି ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରିଛି । ଥାନାରେ ନଂ.୯/୨୧ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ କହିଛନ୍ତି। ମାମୁନି ଗତ ୪ ବର୍ଷ ହେଲା ନୂଆଗାଁ ଗ୍ରାମରେ ବିବାହ କରିଥିଲେ ମଧ ପାରିବାରିକ କନ୍ଦଳରୁ କାଳଷଣ୍ଢପୁରସ୍ଥିତ ତାଙ୍କ ବାପ ଘରେ ରହୁଥିଲେ । ତାଙ୍କର ୩ ବର୍ଷର ଏକ ଝିଅ ଅଛି ।

## କରୋନା ଆକ୍ରାନ୍ତ ସରପଞ୍ଚ ପ୍ରତିନିଧିଙ୍କ ମୃତ୍ୟୁ

### କରୋନା ଯୋଦ୍ଧା ମାନ୍ୟତା ଦାବି

ଭଞ୍ଜନଗର,୨।୬(ଡି.ଏନ.ଏ)

ବେଲଗୁଣ୍ଠା ବ୍ଲକ ନୂଆଗାଁ ସରପଞ୍ଚ ସୁନିତା କୁମାରୀ ସାହୁଙ୍କ ପ୍ରତିନିଧି ତଥା ତାଙ୍କ ସ୍ୱାମୀ ରାଜେନ୍ଦ୍ର ସାହୁଙ୍କ ମଙ୍ଗଳବାର ରାତି ପ୍ରାୟ ୧୦ଟାରେ ବ୍ରହ୍ମପୁର କୋଭିଡ୍ ହସ୍ପିଟାଲରେ ମୃତ୍ୟୁ ଘଟିଛି। ସେ କରୋନାରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିଲେ। ରାଜେନ୍ଦ୍ରଙ୍କ ମୃତ୍ୟୁର ୧୪ ଘଣ୍ଟା ପୂର୍ବରୁ ଉଡ୍ରା ପଞ୍ଚାୟତ ସରପଞ୍ଚ ଟୁକୁନା ସାମଲଙ୍କର ମଧ କୋଭିଡ୍ ହସ୍ପିଟାଲରେ ମୃତ୍ୟୁ ଘଟିଥିଲା। ଗୋଟିଏ ଦିନରେ ଜଣେ ସରପଞ୍ଚ ଓ ଆଉ ଜଣେ ସରପଞ୍ଚ ପ୍ରତିନିଧି ତଥା ପୂର୍ବତନ ସରପଞ୍ଚଙ୍କ ମୃତୁ ଘଟଣାକୁ ନେଇ ସମ୍ପୃକ୍ତ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ବୁଧବାର ପୂର୍ବାହ୍ନରେ କୋଭିଡ୍ ନିୟମ ପ୍ରକାରେ ବ୍ରହ୍ମପୁରରେ ରାଜେନ୍ଦ୍ରଙ୍କ ଅନ୍ତିମ ସଂସ୍କାର କରାଯାଇଛି। ସେଠାରେ ସୋରଡ଼ା ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ଏବଂ ରାଜେନ୍ଦ୍ରଙ୍କ ପରିବାର ସଦସ୍ୟ ଉପସ୍ଥିତ ଥିଲେ। ପଞ୍ଚାୟତରେ କରୋନା ମୁକାବିଲାରେ ରାଜେନ୍ଦ୍ର ସମସ୍ତ ପ୍ରକାର ଆଗୁଆ ପଦକ୍ଷେପ ନେଇଥିଲେ। ତେଣୁ ସରପଞ୍ଚମାନଙ୍କ ଭଳି ସରପଞ୍ଚ ପ୍ରତିନିଧିମାନଙ୍କୁ ମଧ କୋଭିଡ୍ ଯୋଦ୍ଧା ମାନ୍ୟତା ଦେବାପାଇଁ ବ୍ଲକ ବିଜେଡ଼ି ସଭାପତି ପ୍ରଶାନ୍ତ କୁମାର ନାୟକ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରିଛନ୍ତି। ଏ ନେଇ ଦଳପକ୍ଷରୁ ଚିଠି ଲେଖାଯିବ ବୋଲି ସେ ସୂଚନା ଦେଇଛନ୍ତି।

## ମୁଖ୍ୟ ରାସ୍ତାରେ ନର୍ଦ୍ଦମାପାଣି

ବ୍ରହ୍ମପୁର ଅଫିସ୍,୨।୬

- ଦିନକରେ ୨୮ ମି.ମି. ବର୍ଷା
- ଯାତାୟାତ ବାଧାପ୍ରାପ୍ତ
- ଏମ୍‌କେସିଜି ଆଉଟ୍‌ଡ଼ୋର୍‌ରେ ଜଳ

ଅସହ୍ୟ ତାତି ଓ ଗୁଳୁଗୁଳି ପରେ ବୁଧବାର ଦିନ ତମାମ ବର୍ଷା ଫଳରେ ବ୍ରହ୍ମପୁର ମହାନଗରବାସୀ ଆଶ୍ୱସ୍ତି ଲାଭ କରିଛନ୍ତି। ବୁଧବାର ପୂର୍ବାହ୍ନରେ ଆକାଶ ମେଘାଛନ୍ନ ରହିବା ସହ ମଧ୍ୟାହ୍ନରୁ ଝିପି ଝିପି ବର୍ଷା ଆରମ୍ଭ ହୋଇଥିଲା। ଏହାପରେ ଘଡ଼ ଘଡ଼ି ସହ ବର୍ଷା ଅପରାହ୍ନ ୪ଟା ଯାଏ ଲାଗି ରହିଥିଲା। ସନ୍ଧ୍ୟାରେ ଝିପି ଝିପି ବର୍ଷା ହୋଇଥିଲା। ଗୋଟିଏ ଦିନରେ ଗଞ୍ଜାମ ଜିଲାରେ ୨୮ ମି.ମି.ବର୍ଷା ହୋଇଥିବା ଗୋପାଳପୁର ଡ଼ପଲର୍ ରାଡ଼ାର ଇନ୍‌ଚାର୍ଜ ଏସ୍.କେ.ମୂର୍ତ୍ତି ସୂଚନା ଦେଇଛନ୍ତି। ଗୁରୁବାର ମଧ ଜିଲାରେ ବର୍ଷା ଜାରି ରହିବ ବୋଲି ସେ କହିଛନ୍ତି। ବର୍ଷାରେ ମହାନଗରର ବିଭିନ୍ନ ସାହି ଓ ମୁଖ୍ୟ ରାସ୍ତାରେ ନର୍ଦ୍ଦମା ପାଣି ଜମି ରହିବାରୁ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା।


ମୁଖ୍ୟ ରାସ୍ତାରେ ଯାତାୟତ ବାଧାପ୍ରାପ୍ତ।

ଅନ୍ୟପରେ ଅତ୍ୟଧିକ ବର୍ଷା ଯୋଗୁ ବ୍ରହ୍ମପୁର ବଡ଼ ଡ଼ାକ୍ତରଖାନାର ଆଉଟ୍‌ଡ଼ୋର୍‌ରେ ପାଣି ଜମି ରହିଥିଲା। ଫଳରେ ରୋଗୀ ସେବାରେ ବାଧାପ୍ରାପ୍ତ ହୋଇଥିବା ଜଣାପଡ଼ିଛି। ବର୍ଷାରେ ମହାନଗରର ବିଭିନ୍ନ ତଳିଆ ଅଞ୍ଚଳ ସମେତ ମୁଖ୍ୟ ରାସ୍ତା ଜଳ ମଗ୍ନ ହୋଇଥିଲା। ସହରର ଅଶୋକ ନଗର, ସେଲ୍ ଟ୍ୟାଙ୍କ ଛକ, ଗାନ୍ଧୀ ନଗର, କମାପଲୀ ପୋଖରୀ ପାର୍ଶ୍ୱ ରାସ୍ତା, ଆସିକା ରୋଡ଼, ନେହେରୁ ନଗର, ଗୋଦାବରୀଶ ନଗର, ଭାବା ନଗର, ବ୍ରହ୍ମା ନଗର ଆଦି ଅଞ୍ଚଳ ଗୁଡ଼ିକରେ ରାସ୍ତା ଉପରେ ଦୀର୍ଘ ସମୟ ଧରି ପାଣି ଜମି ରହିଥିଲା। ଅନେକଙ୍କ ଘରେ ନର୍ଦ୍ଦମା ପାଣିର ସୁଅ ଛୁଟିଥିଲା। ସନ୍ଧ୍ୟା ବେଳକୁ ବର୍ଷାର ପ୍ରକୋପ କମିବା ଫଳରେ ପାଣି ନିଷ୍କାସନ ହୋଇଥିଲା। ଆଗକୁ ବର୍ଷା ଋତୁକୁ ଦୃଷ୍ଟିରେ ରଖି ଏବେଠାରୁ ସହରରେ ଥିବା ଡ୍ରେନେ ଗୁଡ଼ିକୁ ମରାମତି କରାଯିବା କ୍ଷେତ୍ରରେ ବିଏମ୍‌ସି ପଦକ୍ଷେପ ନେବା ପାଇଁ ସହରବାସୀ ଦାବି କରିଛନ୍ତି ।

